
ODIA



# ଆରବର ଛତା

ମାଧବୀ ପୁରନ୍ଦରେ

eklavya



# ଆରବର ଛତା

ମାଧବୀ ପୁରନ୍ଦରେ

ଓଡ଼ିଆ ଅନୁବାଦ
ଅଭିଷେକ କୁମାର ମହାନ୍ତି

eklavya

# ଆରବର ଛତା

**AARABRA CHHATA**

Story and Illustrations: Madhuri Purandare
Odia translation: Abhishek Kumar Mohanty
Publication: Puspashree Pattnaik, Bansi Sharma (Editorial support),
Indu Nair, Khizar Mohammad, Kamlesh Yadav (Production)

Originally published as *Oops!!* by Jyotsna Prakashan.

Text and Illustrations © Madhuri Purandare, 2018
Odia edition © Eklavya Foundation, September 2025


For any kind of use of the story or the illustrations, contact Jyotsna Prakashan via the publisher.

First edition: October 2025 / 1000 copies
Paper: 100 GSM Maplitho and 300 GSM Fb board (Cover)
ISBN: 978-93-48176-33-2
Price: ₹ 70.00

Developed with financial support from Parag Initiative of the Tata Trusts.

Published by:
**EKLAVYA FOUNDATION**
Jamnalal Bajaj Parisar,
Jatkhedi,Bhopal - 462 026 (MP)
Phone: +91 755 - 297 7770, 71, 72
www.eklavya.in | books@eklavya.in


Printed at: Box Corrugators and Offset printers, Bhopal, phone: +91 755 258 7651



ମା' କହିଲେ, "ଆରବ, ତୋ ପାଇଁ ଗୋଟିଏ କୁନି ଛତା ।"

"ଛତା ? କାହିଁକି ?" ଆରବ ପଚାରିଲା ।


"ବର୍ଷା ହେଲା ବେଳେ ତୁ ଏହାକୁ ସାଙ୍ଗରେ ନେଇ ଯାଇ ପାରିବୁ । ତାହେଲେ ତୁ ଆଉ ଭିଜି ଯିବୁନାହିଁ ।"



କିନ୍ତୁ ବର୍ଷା ତ ହେଉନାହିଁ ।
ତାହେଲେ ଛତା କ’ଣ କରିବି ?


ଆରବ ଛତାକୁ ବାଡ଼ି ଭଳି
ଧରି ଜେଜେବାପାଙ୍କ ଭଳି
ଚାଲିବାକୁ ଲାଗିଲା ।

ଟୁକ୍... ଟୁକ୍... ଟୁକ୍...



ଛତାବାଡ଼ି ଧରି ଆରବ ଖଟ ଉପରେ
ଚଢ଼ିଗଲା ଆଉ କହିଲା,

"ନୀଲୁ, ଦେଖ, ଏବେ ମୁଁ ଉଡ଼ାଜାହାଜରେ
ଅଛି । ଏଇଟା ମୋର ପାରାଚ୍ୟୁଟ୍, ଆଉ
ମୁଁ ଏବେ ତଳକୁ ଡେଇଁବାକୁ ଯାଉଛି ।
ଦେଖ୍, ଏକ... ଦୁଇ... ତିନ୍..."



ଓଃ !
ପାରାଚୁ୍ୟଟ୍ ଆଉ
କୁଆଡ଼େ ଉଡ଼ିଗଲା ଆଉ
ଆରବ ଧଡ଼ାସ୍ କରି
ତଳେ ପଡ଼ିଲା ।
ଧଡ଼ାସ୍ !!

ମା ପଚାରିଲେ, "ଆଜ୍ଞା, ଆପଣ କ'ଣ କରୁଛନ୍ତି ?"


"ଜାଣିଛ ମା, ଏଇଟା ଆମ ତମ୍ବୁ ଆଉ ଆମେ ତା ଭିତରେ ଶୋଇଛୁ ?"



"ତମେ ଆସିବାକୁ ଚାହିଁବ କି ?" ଆରବ କହିଲା ।

ମା କହିଲେ, "ଚାଲ ଆରବ, କିଛି ମଜା କରିବା ।"
"ଆଉ ନୀଲୁ ? ତାକୁ କାହିଁକି ତମେ ଡାକୁନ ?"
ଆରବ କହିଲା ।
"ହଁ, ନିଶ୍ଚୟ, ନୀଲୁ ତୁ ବି ଆସେ ।" ମା' କହିଲେ ।





ମା ଛତାଟିକୁ ଗୋଟିଏ ସୁନ୍ଦର ଗଛ ବନେଇ ଦେଲେ ।

ଆରବ ଏବେ ସେଇ ଗଛ ତଳେ ବସି ନୀଲୁକୁ କାହାଣୀ ଶୁଣେଇବାକୁ ଲାଗିଲା ।




ସାଇଁ... ସାଇଁ !

ପବନ ବହିଲା । ଛତା
ଗଛର ସବୁ ପତ୍ର
ଝଡ଼ିଗଲା । ଝରକା ଦେଇ
ବର୍ଷା ଟୋପା ଭିତରକୁ
ଆସିବାକୁ ଲାଗିଲା ।

ଟପ୍... ଟପ୍... ଟପ୍...



“ବର୍ଷା! ବର୍ଷା!” ଜୋରରେ
ଚିତ୍କାର କରି ଆରବ
ବାହାରକୁ ଧାଇଁଲା ।



ଆରବ ବର୍ଷାରେ ବହୁତ ଭିଜିଲା ।
ଆଉ ଛତା ?
ଧେତ୍ ତେରି କି !!

ତାକୁ ତ ସେ ଘରେ ହିଁ
ଭୁଲିଗଲା !



**ମାଧୁରୀ ପୁରନ୍ଦରେ**

ଶିଶୁ ଏବଂ ଯୁବ ସାହିତ୍ୟରେ ମାଧୁରୀ ପୁରନ୍ଦରେ ଜଣେ ଜଣାଶୁଣା ଲେଖିକା ଏବଂ ଚିତ୍ରକର । ସେ ଅନେକ ମରାଠୀ ବହିକୁ ଫରାସୀ ଭାଷାରେ ଅନୁବାଦ କରିଛନ୍ତି ।

ମାଧୁରୀ ହାତରେ ଲେଖିବାକୁ ଆଉ ଚିତ୍ର କରିବାକୁ ଭଲ ପାଆନ୍ତି । ବୁଲାବୁଲି କରିବା ଏବଂ ନିଜ ବିଷୟରେ କଥା ହେବାକୁ ସେ ବେଶୀ ପସନ୍ଦ କରନ୍ତି ନାହିଁ । ମାଧୁରୀ ସାଧାରଣତଃ ନିଜକୁ ଜଣେ ଅଳସୁଆ ବୋଲି ଭାବନ୍ତି, କିନ୍ତୁ ପିଲାଙ୍କ ପାଇଁ ଲେଖିବା ଆଉ ଚିତ୍ର କରିବା ପାଇଁ ସେ ବହୁତ ଖୁସିରେ ନିଜର ଆଳସ୍ୟ ଛାଡ଼ି ଦିଅନ୍ତି ।

ଶିଶୁ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅସାଧାରଣ କାମ ପାଇଁ ୨୦୧୪ ମସିହାରେ ତାଙ୍କୁ ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।

ଏହାଛଡ଼ା, ମାଧୁରୀ ହେଉଛନ୍ତି ପ୍ରଥମ ଲେଖିକା ଯାହାଙ୍କୁ ୨୦୧୬ ମସିହାରେ ଟାଟା ଟ୍ରଷ୍ଟର ପରାଗ ଇନିସିଏଟିଭ୍ ଦ୍ୱାରା ଦିଆଯାଉଥିବା ବିଗ୍ ଲିଟିଲ୍ ବୁକ୍ ଆୱାର୍ଡ ରେ ସମ୍ମାନିତ କରାଯାଇଥିଲା ।



ଆରବର ମା ତା ପାଇଁ ଛତାଟିଏ ଆଣିଲେ ।
କିନ୍ତୁ ବର୍ଷା ତ ହେଉନାହିଁ ।
ଏବେ ଆରବ ଛତାକୁ କରିବ ବା କ'ଣ...


ମୂଲ୍ୟ: ₹ 70.00

parag
AN INITIATIVE OF TATA TRUSTS

eklavya

9789348176332